## ଆପଣ କ'ଣ କରିପାରିବେ

1. **ଲକ୍ଷଣଗୁଡିକ ପଢନ୍ତୁ |** ଆମର ସୂଚକ କାର୍ଡ ବରାଦ କରନ୍ତୁ ଯାହା ୧୭ଟି ଭାଷାରେ ସୁବିଧାଜନକ ୱାଲେଟ୍ ଆକାରର ଅଟେ, ଏହା ମୁଖ୍ୟ ଲକ୍ଷଣଗୁଡିକ ତାଲିକା କରିଥାଏ | ଆପଣ ଏହି କାର୍ଡଗୁଡିକ ଆପଣଙ୍କର ଅଞ୍ଚଳରେ ସେହି ଲୋକମାନଙ୍କୁ ବିତରଣ କରି ପାରନ୍ତି ଯେଉଁମାନେ ପୀଡିତମାନଙ୍କ ସଂସ୍ପର୍ଶରେ ଆସିପାରନ୍ତି |*www.dhs.gov/bluecampaign*. ରେ ଅଧିକ ଜାଣନ୍ତୁ |

2. **ମାନବ ଚାଲାଣ ଟିପ୍ପଣୀଗୁଡିକ ରିପୋର୍ଟ କରନ୍ତୁ ସନ୍ଦେହଜନକ ମାନବ ଚାଲାଣ କାର୍ଯ୍ୟକଳାପର ରିପୋର୍ଟ ଦେବାକୁ ବା ସଂଘୀୟ ଆଇନ ପ୍ରବର୍ତ୍ତନ ପକ୍ଷରୁ ସାହାଯ୍ୟ ପାଇବାକୁ 1-866-347-2423 ରେ କଲ୍ କରନ୍ତୁ ବା ଅନ୍ ଲାଇନ୍ ରେ online at www.ice.gov/tips.ରେ ଏକ ଟିପ୍ପଣୀ ଦାଖଲ କରନ୍ତୁ |**

   ବିଶ୍ୱସାରା ପ୍ରତ୍ୟେକ ବ୍ୟକ୍ତି ସନ୍ଦେହଜନ ଅପରାଧ ସମ୍ବନ୍ଧୀୟ କାର୍ଯ୍ୟକଳାପ ଦେଶୀୟ ସୁରକ୍ଷା ଆନୁସନ୍ଧାନ (HIS) ଟିପ୍ ଲାଇନ୍ କୁ ଦିନର ୨୪ ଘଣ୍ଟାରେ, ସପ୍ତାହର ୭ ଦିନ ଏବଂ ବର୍ଷର ପ୍ରତ୍ୟେକ ଦିନ ରିପୋର୍ଟ କରିପାରିବେ | **802-872-6199** କୁ କଲ୍ କରିବା ଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ଏହାର ସାନ୍ନିଧ ଲାଭ କରିହୁଏ | ଉଚ୍ଚ ତାଲିମପ୍ରାପ୍ତ ବିଶେଷଜ୍ଞମାନେ ଉଭୟ ଜନତା ଏବଂ ମାନବ ଚାଲାଣ ସମ୍ପର୍କିତ ଆଇନଗୁଡିକ ସହିତ HSI ଦ୍ୱାରା ପ୍ରବର୍ତ୍ତନ ହୋଇଥିବା ୪୦୦ରୁ ଅଧିକ ଆଇନ ଉପରେ ଥିବା ଆଇନ ପ୍ରବର୍ତ୍ତନ କାର୍ଯ୍ୟାଳୟ ତରଫରୁ ରିପୋର୍ଟ ନିଅନ୍ତି |

   **ଜାତୀୟ ମାନବ ଚାଲାଣ ସମ୍ବଳ କେନ୍ଦ୍ରକୁ କଲ୍ କରନ୍ତୁ (NHTRC) 1-888-373-7888:**

   - ସାହାଯ୍ୟ ପାଇବାକୁ ଏବଂ ଆପଣଙ୍କ ଅଞ୍ଚଳରେ ଥିବା ସେବା ପ୍ରଦାନକାରୀଙ୍କ ସହିତ ଯୋଗାଯୋଗ କରିବାପାଇଁ ;
   - ସମ୍ଭାବିତ ମାନବ ଚାଲାଣର କାର୍ଯ୍ୟକଳାପ ଉପରେ ସୂଚନା ଦେବା ପାଇଁ ; ବା
   - ତାଲିମ, ବୈଷୟିକ ସହାୟତା ବା ସମ୍ବଳ ପାଇଁ ଅନୁରୋଧ କରି ଅଧିକ ଜାଣିବା ପାଇଁ

   NHTRC ହେଉଛି ଦେଶର ଯେକୌଣସି ସ୍ଥାନରୁ ଆସୁଥିବା କଲ୍ ର ଉତ୍ତର ଦେବା ପାଇଁ, ଦିନରେ ୨୪ ଘଣ୍ଟା ଉପଲବ୍ଧ ଥିବା ଏକ ଜାତୀୟ,

   ନିଶୁଳ୍କ ହଟ୍ ଲାଇନ୍ ଏବଂ ଏହା ଏକ ବେସରକାରୀ ସଂଗଠନ ଦ୍ୱାରା ପରିଚାଳିତ ହୋଇଥାଏ |

3. **ନିଜକୁ ଏବଂ ନିଜର ସମ୍ପ୍ରଦାୟକୁ ଶିକ୍ଷିତ କରାନ୍ତୁ |**ମାନବ ଚାଲାଣ ଏବଂ ଆପଣ ସଚେତନ ରହିବା ଉଚିତ ଥିବା ସୂଚକଗୁଡିକ ବିଷୟରେ ଅଧିକା ଜାଣିବାକୁ ଆମର ମାଗଣା, ଆଦାନ ପ୍ରଦାନକାରୀ ଅନ୍ ଲାଇନ୍ ତାଲିମ ନିଅନ୍ତୁ ଏବଂ ଆପଣ ତାଲିମ ନେବା ଜାଣନ୍ତି ବୋଲି ଅନ୍ୟମାନଙ୍କୁ କୁହନ୍ତୁ | www.dhs.gov/bluecampaign କୁ ଯାଆନ୍ତୁ |

4. ବିଶ୍ୱରେ ପ୍ରଚାର କରନ୍ତୁ ! ସହକର୍ମୀ, ପରିବାର ଏବଂ ଯେକୌଣସି ଆଗ୍ରହୀ ବ୍ୟକ୍ତିମାନଙ୍କୁ ବ୍ଲୁ କାମ୍ପେନ୍ ବିଷୟରେ କହନ୍ତୁ, ଆମେ କିପରି

   *www.dhs.gov/bluecampaign*. ରେ ବହୁ ଉପଲବ୍ଧ କାର୍ଯ୍ୟକ୍ରମ ପ୍ରଦାନ କରୁଛୁ.

5. **ବ୍ଲୁ କ୍ୟାମ୍ପେନ୍ ୱେବ୍ ସାଇଟ୍ କୁ ଦେଖନ୍ତୁ | ଅଧିକ ତାଲିମ ଏବଂ ଅପହଞ୍ଚ ଗବେଷଣା, ପୀଡିତ ସହାୟତା ଉପକରଣ, ଏବଂ ମାନବ ଚାଲାଣ ସମାପ୍ତ କରିବାକୁ ଆପଣ କିପରି ଯୋଗ ଦେଇପାରିବେ ତାହାର ତଥ୍ୟ ପାଇଁ , ଯାଆନ୍ତୁ**:*www.dhs.gov/Bluecampaign*. ଆମକୁ " Like" କରନ୍ତୁ Facebook:*www.facebook.com/bluecampaign ରେ* ବା, *BlueCampaign@hq.dhs.gov* ରେ ଯୋଗାଯୋଗ କରନ୍ତୁ |

ପୀଡିତ ଚିହ୍ନଟ
NGO,
ବିଶ୍ୱାସ ଆଧାରିତ ଦଳ



# ଆପଣ କ'ଣ କରିପାରିବେ?

*ପୀଡିତମାନଙ୍କୁ ଚିହ୍ନଟ ଓ ମାନବ ଚାଲାଣର ସନ୍ଦେହଜନକ ଘଟଣାଗୁଡିକ ରିପୋର୍ଟ କରିବେ*

BLUE CAMPAIGN
One Voice. One Mission. End Human Trafficking.™

# ଆପଣ କ'ଣ କରିପାରିବେ ?

*ପୀଡିତମାନଙ୍କୁ ଚିହ୍ନଟ କରିବା ଏବଂ ମାନବ ଚାଲାଣର ସନ୍ଦେହଜନକ କେସ୍ ରିପୋର୍ଟ କରିବା*

## ପୀଡିତମାନେ ସାଧାରଣ ଦୃଷ୍ଟିରେ ଥାଇ ପାରନ୍ତି

ଶିକ୍ଷକ, ନର୍ସ, ସମାଜ ସେବୀ, ବିଶ୍ୱସ୍ତନେତା, ଏବଂ ବେସରକାରୀ ସଂଗଠନଗୁଡିକ (NGO) ଆମ ସଂପ୍ରଦାୟର ସଦସ୍ୟ ଅଟନ୍ତି ଏବଂ ସମ୍ଭବତଃ ଚାଲାଣ ଏବଂ ସମ୍ମୁଖୀନ ହେଉଥିବା – ପୀଡିତମାନଙ୍କୁ ଚିହ୍ନଟ ଓ ସାହାଯ୍ୟ କରନ୍ତି | ମାନବ ଚାଲାଣର ଲକ୍ଷଣ ଏବଂ ସୂଚନାଗୁଡିକ ବିଷୟରେ ଆପଣ ପଢିବା ଉଚିତ | ପୀଡିତମାନଙ୍କୁ ଚିହ୍ନଟ କରିବା ଏବଂ ଚାଲାଣକାରୀମାନଙ୍କୁ ନ୍ୟାୟର ଦରବାରକୁ ଆଣିବାରେ ଏହା ପ୍ରଥମ ପଦକ୍ଷେପ ଅଟେ ଯାହା ଆପଣଙ୍କ ସମ୍ପ୍ରଦାୟକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ |

## ଚାଲାଣ ପୀଡିତମାନେ ଆମ ସଂପ୍ରଦାୟରେ ଅଛନ୍ତି

## ଚାଲାଣର ଶିକାର ବ୍ୟକ୍ତି **U.S.**ନାଗରୀକମାନଙ୍କ ସହିତ ସେମାନେ ଯେକୌଣସି ବୟସ, ଜାତି, ଲିଙ୍ଗ ବା ଜାତୀୟତାର ହୋଇଥାଇପାରନ୍ତି

ସେମାନଙ୍କର ଆଇନଗତ ଦେଶାନ୍ତର ସ୍ଥିତି ଥାଇପାରେ ବା ନଥାଇପାରେ | ପୀଡିତ ବ୍ୟକ୍ତିମାନେ ଉଭୟ ବୈଧ ଏବଂ ଅବୈଧ ଶ୍ରମ ସ୍ଥାନମାନଙ୍କରେ ମିଳିପାରନ୍ତି; ଭଲ ଦରମା ମିଳୁଥିବା ଚାକିରି ଏପରିକି ପ୍ରେମର ପ୍ରତିଶ୍ରୁତି ଦ୍ୱାରା କେତେକ ପ୍ରଲୋଭିତ ହୋଇଥାନ୍ତି | ପ୍ରାୟତଃ ଘରୋଇ ଦାସତ୍ୱ, କ୍ଷେତ କିମ୍ବା କାରଖାନାର ଶ୍ରମ, ବା ଅନ୍ୟ ପ୍ରକାରର ଶ୍ରମ, ବା ବ୍ୟବସାୟିକ ଯୌନକ୍ରିୟା (ବେଶ୍ୟାବୃତ୍ତି) ପାଇଁ ସେମାନେ ବାଧ୍ୟ ବା ବିବଶ ହୋଇଥାନ୍ତି | ସଂଘୀୟ ଆଇନ ଅନୁସାରେ ଦେହ ବ୍ୟବସାୟରେ ଲଗାଇବାକୁ ପ୍ରେରିତ କରାଯାଉଥିବା ସମସ୍ତ ନାବାଳକ ହେଉଛନ୍ତି ମାନବ ଚାଲାଣର ଜଣେ ପୀଡିତ ବ୍ୟକ୍ତି |

## ଚାଲାଣକାରୀମାନେ କିପରି କାର୍ଯ୍ୟ କରନ୍ତି

ଚାଲାଣକାରୀମାନେ ଲୋକମାନଙ୍କୁ ଖୁବ୍ କମ ବା ବିନା ସାମାଜିକ ସୁରକ୍ଷା ତନ୍ତ୍ରରେ ଶିକାର କରନ୍ତି | ସେମାନେ ସେହି ଲୋକମାନଙ୍କୁ ଖୋଜିଥାନ୍ତି ଯେଉଁମାନେ କି ଆର୍ଥିକ କଷ୍ଟ, ଘରୋଇ ହିଂସା, ପ୍ରାକୃତିକ ବିପର୍ଯ୍ୟୟ ବା ରାଜନୈତିକ ଅସ୍ଥିରତା ଭଳି ବିଭିନ୍ନ କାରଣରୁ ଦୁର୍ବଳ ଥାନ୍ତି | ଚାଲାଣକାରୀମାନେ ପୀଡିତମାନଙ୍କୁ ଫାଶରେ ପକାଇବାକୁ ହିଂସା ବା ହିଂସାର ଭୟ ଭଳି ମାନସିକ ବିବଶତା ସହିତ ବିଭିନ୍ନ ପ୍ରକାରର କୌଶଳ ବ୍ୟବହାର କରନ୍ତି | ମାନସିକ ଆଘାତଟି ଖୁବ୍ ବଡ ହୋଇପାରେ ଯେହେତୁ ବହୁ ଲୋକ ନିଜକୁ ପୀଡିତ ବୋଲି ଜାଣିପାରନ୍ତି ନାହିଁ ବା ସାହାଯ୍ୟ ମାଗନ୍ତି ନାହିଁ, ଏପରିକି ଅତ୍ୟଧିକ ସାର୍ବଜନୀନ ପରିସ୍ଥିତିରେ ମଧ୍ୟ |

ଚାଲାଣକାରୀମାନେ ପ୍ରାୟତଃ ନିମ୍ନଲିଖିତ ଦ୍ୱାରା ପରିଚାଳନା କରନ୍ତି:

- ଲୋକଙ୍କୁ କିମ୍ବା ତାଙ୍କର ପରିବାରର ସଦସ୍ୟଙ୍କୁ ହିଂସା କିମ୍ବା ଭୟ ଦେଖାଇ;
- ଖାଦ୍ୟ, ଜଳ କିମ୍ବା ନିଦ୍ରା ଭଳି ଲୋକଙ୍କର ମୌଳିକ ଆବଶ୍ୟକତାରୁ ବଞ୍ଚିତ କରି;
- ପ୍ରେମ କିମ୍ବା ବନ୍ଧୁତାର ମିଥ୍ୟା ପ୍ରତିଶ୍ରୁତି ଦେବା;
- ଉତ୍ତମ ଚାକିରି ଏବଂ ଘରର ମିଥ୍ୟା ପ୍ରତିଶ୍ରୁତି କରିବା;
- ଧାର୍ମିକ କାର୍ଯ୍ୟଗୁଡିକରେ ଯୋଗ ଦେବାକୁ ବାରଣ କରିବା;
- ବନ୍ଧୁ ଏବଂ ପରିବାର ସହିତ ଯୋଗାଯୋଗ କରିବାରେ ବାଧା ଦେବା;
- ଗମନାଗମନର ସ୍ୱାଧିନତାକୁ ସୀମିତ କରିବା;
- ବ୍ୟକ୍ତି ଜଣଙ୍କର ପରିଚୟ ନଥିପତ୍ରଗୁଡିକରେ ନିୟନ୍ତ୍ରଣ ରଖିବା;
- ନିର୍ବାସନ ବା ଆଇନ ପ୍ରବର୍ତ୍ତନ କାର୍ଯ୍ୟର ଭୟ ଦେଖାଇବା; ଏବଂ/ବା
- ନ୍ୟସ୍ତ କରାଯାଇଥିବା ଋଣ ପରିଶୋଧ କରିବାକୁ ବ୍ୟକ୍ତିଙ୍କ ଦରମା ସଜାଇବା|

## ମାନବ ଚାଲାଣର ଲକ୍ଷଣ

ପିଡୀତମାନଙ୍କୁ ଚିହ୍ନଟ କରି ଏବଂ ଟିପ୍ପଣୀ ରିପୋର୍ଟ କରିବା ଦ୍ୱାରା ଆଇନ ପ୍ରବର୍ତ୍ତନର ଉଦ୍ଧାରରେ ସାହାଯ୍ୟ କରି ପୀଡିତ ହେଉଥିବା ବ୍ୟକ୍ତି ପାଇଁ ଆପଣ ନିଜ ଭାଗର କାର୍ଯ୍ୟ କରୁଛନ୍ତି, ଏବଂ ଆପଣ ଏକ ଜୀବନ ରକ୍ଷା କରିପାରନ୍ତି | ଚିକିତ୍ସା,ମାନସିକ ସ୍ୱାସ୍ଥ୍ୟ ସେବା, ବାସ, କାର୍ଯ୍ୟ ତାଲିମ, ଏବଂ ଆଇନଗତ ସହାୟତା ଭଳି ସେବା ସହିତ ଆପଣ ପୀଡିତମାନଙ୍କୁ ଯୋଡି ପାରିବେ ଯାହା ସେମାନଙ୍କର ସ୍ୱାଧିନତା ଏବଂ ମର୍ଯ୍ୟାଦା ପୁନର୍ଲାଭ କରାଇପାରିବେ | ଆପଣଙ୍କ ସୁରକ୍ଷା ସହିତ ପୀଡିତଙ୍କ ସୁରକ୍ଷା ସାର୍ବଭୌମ ଅଟେ | ଯେକୌଣସି ସମୟରେ ସନ୍ଦିଗ୍ଧ ଚାଲାଣକାରୀର ସିଧାସଳଖ ସମ୍ମୁଖୀନ ହେବା କିମ୍ବା ଆପଣଙ୍କର ସନ୍ଦେହ ପାଇଁ ପୀଡିତକୁ ସତର୍କ କରାଇବାକୁ ଚେଷ୍ଟା କରନ୍ତୁନାହିଁ | ମାନବ ଚାଲାଣର ସନ୍ଦିଗ୍ଧ କେସ୍ ଗୁଡିକର ତଦନ୍ତ ଆଇନ ପ୍ରବର୍ତ୍ତକଙ୍କ ଉପରେ ନ୍ୟସ୍ତକରାଯାଇଛି |

- ବ୍ୟକ୍ତି ଜଣଙ୍କ ପରିବାର, ବନ୍ଧୁ ବର୍ଗ, ସାମ୍ପ୍ରଦାୟିକ ସଂଗଠନ, ବା ଆରାଧନା ଗୃହରୁ ବିଚ୍ଛିନ୍ନ ହେବା ଭଳି ଦିଶୁଛନ୍ତି କି?
- ପିଲାଟି ବିଦ୍ୟାଳୟରେ ଯୋଗ ଦେବା ବନ୍ଦ କରିଦେଇଛି କି?
- ବ୍ୟକ୍ତି ଜଣଙ୍କର ବ୍ୟବହାରରେ ଆକସ୍ମିକ କିମ୍ବା ଅପ୍ରତ୍ୟାଶିତ ପରିବର୍ତ୍ତନ ହୋଇଛି କି?
- ତରୁଣୀଟି ଦେହ ବ୍ୟବସାୟରେ ଜଡିତ ଅଛି କି?
- ବ୍ୟକ୍ତି ଜଣଙ୍କ ଅବୁଝା ବା ଭ୍ରମିତ ଅଛନ୍ତି କିମ୍ବା ମାନସିକ ବା ଶାରୀରିକ ଶୋଷଣର ଲକ୍ଷଣ ଦେଖାଉଛନ୍ତି କି?
- ଆରୋଗ୍ୟ ଲାଭ କରିବାର ବିଭିନ୍ନ ସ୍ତରେରେ ବ୍ୟକ୍ତି ଜଣଙ୍କର ଆଘତଜନିତ କ୍ଷତ ଚିହ୍ନ ଅଛି କି?
- ବ୍ୟକ୍ତି ଜଣଙ୍କ ଭୟଭୀତ, ଡରୁଆ ବା ଅପ୍ରତିରୋଧୀ କି?
- ଖାଦ୍ୟ, ପାନୀୟ, ଶୟନ, ବା ଚିକିତ୍ସା ସେବା ବାରଣ କରୁଥିବା ଲକ୍ଷଣଗୁଡିକ ବ୍ୟକ୍ତି ଜଣଙ୍କଠାରେ ଦେଖାଯାଉଛି କି?
- କୌଣସି ବ୍ୟକ୍ତିଙ୍କ କମ୍ପାନୀରେ ବ୍ୟକ୍ତି ଜଣଙ୍କ ପ୍ରାୟତଃ ଭିନ୍ନ ଦେଖାଯାଆନ୍ତି କି? କିମ୍ବା କେହିଜଣେ ପରିସ୍ଥିତିଟିର ନିୟନ୍ତ୍ରଣରେ ଥିବାର ଦେଖାଯାଉଛି କି, ଉଦାହରଣ ସ୍ୱରୁପ କେଉଁଠାକୁ ଯିବେ ବା କାହା ସହିତ କଥା ହେବେ?
- ବ୍ୟକ୍ତି ଜଣଙ୍କର କଥାରେ ସେ ପ୍ରଶିକ୍ଷଣ ପାଇଥିବା ଭଳି ଜଣାଯାଉଛି କି?
- ବ୍ୟକ୍ତି ଜଣଙ୍କ ଅନୁଚିତ ଅବସ୍ଥାରେ ରହୁଛନ୍ତି କି?
- ବ୍ୟକ୍ତିଜଣଙ୍କର ବ୍ୟକ୍ତିଗତ ଅଧିକାରର ଅଭାବ ଏବଂ ଦୃଢ ଭାବରେ ସଂସ୍ଥାପିତ ପରିସ୍ଥିତି ନ ଥିବା ଭଳି ଦେଖାଯାଉଛି କି?
- କ୍ରିୟାକଳାପରେ ବ୍ୟକ୍ତି ଜଣଙ୍କର ସ୍ୱାଧୀନତା ଅଛି କି? ବ୍ୟକ୍ତିମାନେ ରହୁଥିବା ସ୍ଥାନକୁ ମୁକ୍ତ ଭାବରେ ଛାଡି ପାରିବେ କି? ସେଠାରେ ଯଥାର୍ଥ ସୁରକ୍ଷା ଉପାୟ ଅଛି କି?